# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

*ଲିଜ ବିବିଧ (Lease Misc.) ମୋକଦ୍ଦମା ସଂଖ୍ୟା ୧୪/୨୦୨୫*

## ନୋଟିସ

ପ୍ରୋସେସ ସଂଖ୍ୟା. ୮୬୨ ତାରିଖ: ୨୭.୦୫.୨୦୨୫

ପ୍ରାପ୍ତେଷୁ,

ସୀତାରାମ କିସାନ, ବଦୋ କିସାନ, ପିତା:ଉଲୁ କିସାନ, ବାସସ୍ଥାନ:ନିଜଗାଁ (ଢ଼େର୍ବା)
ଗଉଡ଼ କିସାନ, ପିତା: ଗଚେ କିସାନ, ବାସସ୍ଥାନ:ନିଜଗାଁ (ଢ଼େର୍ବା)

**ବିଷୟ:** ଲିଜ ବିବିଧ (Lease Misc.) ମୋକଦ୍ଦମା ସଂଖ୍ୟା ୧୪/୨୦୨୫ ରେ ମନ୍ତବ୍ୟ ଖାନା ରୁ ବାଦ ଦେବା ନିମନ୍ତେ ତହସିଲ କାର୍ଯ୍ୟାଳୟ ଶୁଣାଣି

ଏତଦ୍ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ମୌଜା – ଢ଼େର୍ବା ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଇଡକୋ କର୍ତ୍ତୃପକ୍ଷ ଭୁବନେଶ୍ୱର (ଓଡିଶା), ଶିଳ୍ପ ପ୍ରତିଷ୍ଠା ଏବଂ ସଂବନ୍ଧ ଗତିବିଧିର ସ୍ଥାପନା ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ ଆବାଦ ଯୋଗ୍ୟ ଅନାବାଦୀ ଖାତାରେ ରେକର୍ଡ ଥାଇ ମନ୍ତବ୍ୟ ଖାନାରେ "ସାବକ କିସମ: ଗୋଚର, ଆମ୍ବ/1, ବେଆଇନ ଦଖଲ :ସୀତାରାମ କିସାନ, ବଦୋ କିସାନ, ପିତା:ଉଲୁ କିସାନ, ଗଉଡ଼ କିସାନ, ପିତା: ଗଚେ କିସାନ, ଜାତି:କିସାନ, ବାସସ୍ଥାନ:ନିଜଗାଁ" ଥିବାରୁ ଉକ୍ତ ଜମିକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ମନ୍ତବ୍ୟ ଖାନାରେ ଥିବା ବେଆଇନ ଦଖଲ ନୋଟକୁ ବାଦ ଦେବା ଆବଶ୍ୟକ ପଡୁଅଛି ।

ଏହାର ଶୁଣାଣି ତା. ୦୬.୦୬. ୨୦୨୫ ରିଖ ସମୟ ସକାଳ ୧୦.୩୦ ଘଟିକାରେ ରେଙ୍ଗାଲି ତହସିଲ କାର୍ଯ୍ୟାଳୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହେବା ପାଇଁ ଧାର୍ଯ୍ୟ କରା ଯାଇଛି । ଯଦି ଏହି ପ୍ରସ୍ତାବିତ ବେଆଇନ ଦଖଲ ନୋଟକୁ ବାଦ ଦେବା ଉପରେ କିଛି ଆପତ୍ତି ଥାଏ, ତେବେ ନିଜର ଦାବି ସପକ୍ଷରେ ସମ୍ପୃକ୍ତ କାଗଜାତ ସହ ନିର୍ଦ୍ଧାରିତ ସମୟରେ ଉପର ବର୍ଣ୍ଣିତ ସ୍ଥାନରେ ଉପସ୍ଥିତ ହୋଇ ନିଜର ଆପତ୍ତି ରଖି ପାରିବେ । ଧାର୍ଯ୍ୟ ତାରିଖରେ ଅନୁପସ୍ଥିତ ରହିଲେ ପରେ ଆଉ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ରକବା | କିସମ | ମନ୍ତବ୍ୟ |
|---|---|---|---|---|---|
| ଢ଼େର୍ବା | ୩୩୬ (ଆ. ଯୋ. ଅ.) | ୧୧୪୩/୩୫୫୬ | ୦.୧୯୦ | ଆଟ ସାଧାରଣ | ସାବକ କିସମ : ଗୋଚର, ଆମ୍ବ/1, ବେଆଇନ ଦଖଲ ସୀତାରାମ କିସାନ:, ବଦୋ କିସାନ, ପିତାଉଲୁ: କିସାନ, ଗଉଡ଼ କିସାନ, ପିତା: ଗଚେ କିସାନ, ଜାତିକିସାନ:, ବାସସ୍ଥାନନିଜଗାଁ: |
| ମୋଟ | ୧ ଖାତା | ୧ ପ୍ଲଟ | ୦.୧୯୦ | | |

ତହସିଲଦାର,ରେଙ୍ଗାଲି

ଜ୍ଞାପକ ସଂଖ୍ୟା....୮୫୩.... ତା: ....୨୭.୦୪.୨୦୨୪....

ଏହାର ଦୁଇ କିତା ନକଲ ରାଜସ୍ୱ ନିରୀକ୍ଷକ, ବୋମାଲୋଏଙ୍କ କାର୍ଯ୍ୟାଳୟ କୁ ଅବଗତି ତଥା ବିହିତ କାର୍ଯାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ନୋଟିସ ନାମିତ ବ୍ୟକ୍ତିଙ୍କୁ ନୋଟିସ ତାମିଲ କରି ତାମିଲ ନୋଟିସ ଫେରସ୍ତ ପାଇଁ ଅନୁରୋଧ କରାଗଲା ।

ତହସିଲଦାର,ରେଙ୍ଗାଲି

ତହସିଲଦାର
ରେଙ୍ଗାଲି,ସମ୍ବଲପୁର